# NATIONAL NEWS BULLETIN (ODIA)

**22 August- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବିହାରର ଗୟାରେ ୧୩ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

- ବୁଲା କୁକୁରମାନଙ୍କୁ ସ୍ଥାନାନ୍ତର କରିବା ସଂପର୍କିତ ନିଜ ନିର୍ଦ୍ଦେଶରେ ସଂଶୋଧନ କଲେ ସୁପ୍ରିମକୋର୍ଟ

- ସଂସଦରେ ଅନ୍‌ଲାଇନ୍ ଗେମିଂ ପ୍ରୋତ୍ସାହନ ଓ ନିୟନ୍ତ୍ରଣ ବିଧେୟକ ପାରିତ ହେବା ପରେ କେତେକ ଇ-କ୍ରୀଡ଼ା ପ୍ଲାଟଫର୍ମରୁ ହଟିଲା ଟଙ୍କା ଜଡ଼ିତ ଅନ୍‌ଲାଇନ୍ ଖେଳ

- ଗତବର୍ଷ ତୁଳନାରେ କୋଇଲା ଆମଦାନୀରେ ୯ ପ୍ରତିଶତ ହ୍ରାସ ଘଟିଥିବା କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀଙ୍କ ସୂଚନା

ଏବଂ

- ଜାତୀୟ କ୍ରୀଡ଼ା ଦିବସରେ ଗୋଟିଏ ଘଣ୍ଟା ଉତ୍ସର୍ଗ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଲେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ

## ପିଏମ୍-ବିହାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବିହାରର ସର୍ବାଙ୍ଗୀନ ବିକାଶ ଲାଗି କେନ୍ଦ୍ର ସରକାର ପ୍ରତିବଦ୍ଧ ଅଛନ୍ତି । ଡବଲ ଇଞ୍ଜିନ ସରକାର ଯୋଗୁଁ ବିକାଶକାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି ବୋଲି ଶ୍ରୀ ମୋଦୀ

କହିଛନ୍ତି । ଆଜି ବିହାରର ଗୟାରେ ପ୍ରାୟ ୧୩ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ପ୍ରକଳ୍ପଗୁଡ଼ିକ ବିହାର ଜନସାଧାରଣଙ୍କ ଜୀବନକୁ ସହଜ କରିବ । ଶ୍ରୀ ମୋଦୀ ଗୟା ଏବଂ ଦିଲ୍ଲୀ ମଧ୍ୟରେ ଅମୃତଭାରତ ଏକ୍ସପ୍ରେସ୍ ଟ୍ରେନ୍ ଓ ବୈଶାଳୀ ଏବଂ କୋଡରମା ମଧ୍ୟରେ ବୌଦ୍ଧ ସର୍କିଟ ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ତି । ଏହି ଦୁଇଟି ଟ୍ରେନ୍ ରେଳଯାତ୍ରାକୁ ସହଜ କରିବା ସହ ପ୍ରମୁଖ ବୌଦ୍ଧସ୍ଥଳୀଗୁଡ଼ିକରେ ପର୍ଯ୍ୟଟନ ଓ ଧାର୍ମିକ ଯାତ୍ରାକୁ ପ୍ରୋତ୍ସାହନ ଯୋଗାଇବ ।

ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ୧୨ ହଜାର ଏବଂ ସହରୀ ଆବାସ ଯୋଜନାରେ ୪ ହଜାରରୁ ଅଧିକ ହିତାଧିକାରୀଙ୍କୁ ଗୃହ ପ୍ରଦାନ କରିଛନ୍ତି । ସମାବେଶକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି, ବିହାରରେ ଆରମ୍ଭ ହୋଇଥିବା ପ୍ରକଳ୍ପଗୁଡ଼ିକ ଯୁବକମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ । ସେ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ସାରା ଦେଶରେ ୪ କୋଟିରୁ ଅଧିକ ଗରିବ ପରିବାରଙ୍କୁ ସ୍ଥାୟୀ ବାସଗୃହ ଯୋଗାଇ ଦିଆଯାଇଛି, ଯେଉଁଥିରେ ବିହାରର ୩୮ ହଜାର ବାସଗୃହ ରହିଛି ।

**V/O(Pm on Pakka Ghara)**

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି,ଅପରେସନ ସିନ୍ଦୂର ଭାରତର ପ୍ରତିରକ୍ଷା ନୀତିରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିଛି । ସେ କହିଛନ୍ତି, ଯେତେବେଳେ ଜାମ୍ମୁ ଓ କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଘଟିଥିଲା, ସେତେବେଳେ କେହି ଜାଣିନଥିଲେ ଯେ ଆତଙ୍କବାଦୀମାନଙ୍କୁ

କଳ୍ପନା ବାହାରେ ଦଣ୍ଡ ମିଳିବ । ସେ କହିଛନ୍ତି, ଆଜି ସାରା ବିଶ୍ୱ ଦେଖୁଛି ଯେ ବିହାରରୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ ହୋଇଛି ।

**V/O (PM on Operation Sidnur)**

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଏନଡିଏର ଡବଲ ଇଞ୍ଜିନ ସରକାର ବିହାରରେ ରେଳ ବିକାଶ କ୍ଷେତ୍ରରେ ଦ୍ରୁତଗତିରେ କାମ କରୁଛି । ବିଭିନ୍ନ ଶିଳ୍ପ ପ୍ରକଳ୍ପ ଦ୍ୱାରା ବିହାରକୁ ଏକ ସ୍ୱୟଂସଂପୂର୍ଣ୍ଣ ରାଜ୍ୟରେ ପରିଣତ କରିବା ଲାଗି ସରକାର ପ୍ରତିଶ୍ରୁତି ଅନୁଯାୟୀ କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି ।

**V/O (PM on Projects)**

ଆଜି ଅପରାହ୍ନରେ ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗରେ ପହଞ୍ଚି ନବନିର୍ମିତ ମେଟ୍ରୋ ଟ୍ରେନ୍ ସେବା ଉଦ୍‌ଘାଟନ କରିବା ସହ ଜେସୋର ରୋଡ୍ ମେଟ୍ରୋ ଷ୍ଟେସନ୍‌ରୁ ଜୟହିନ୍ଦ୍ ବିମାନ ବନ୍ଦର ପର୍ଯ୍ୟନ୍ତ ମେଟ୍ରୋରେ ଯାତ୍ରା କରିବେ। କୋଲକାତାରେ ଆଜି ୫ ହଜାର ୨୦୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ସହ ପ୍ରଧାନମନ୍ତ୍ରୀ ଏକ ଜନସଭାକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି।

---

# ଏସ୍‌ସି ଷ୍ଟ୍ରେ ଡଗ୍‌ସ

ଦିଲ୍ଲୀ ଏନ୍‌ସିଆର ଅଞ୍ଚଳରେ ବୁଲାକୁକୁରମାନଙ୍କୁ ଧରିବା ଏବଂ ସଂପୂର୍ଣ୍ଣ ସ୍ଥାନାନ୍ତର ପାଇଁ ସୁପ୍ରିମକୋର୍ଟ ପୂର୍ବରୁ ଦେଇଥିବା ନିଜ ନିର୍ଦ୍ଦେଶରେ ପରିବର୍ତ୍ତନ କରିଛନ୍ତି । ନୂତନ ଆଦେଶ ଅନୁଯାୟୀ ବୁଲାକୁକୁରମାନଙ୍କୁ ବନ୍ଧ୍ୟାକରଣ ଏବଂ ଟିକାକରଣ ପରେ ସେମାନେ ରହୁଥିବା ଅଞ୍ଚଳରେ ଛାଡ଼ିବାକୁ ପଡ଼ିବ । ବିଚାରପତି ବିକ୍ରମ ନାଥ, ସନ୍ଦୀପ ମେହେଟ୍ଟା ଏବଂ

ଏନ୍.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଯେଉଁ କୁକୁରଗୁଡ଼ିକ ସଂକ୍ରମିତ ହୋଇଥିବେ କିମ୍ବା ଆକ୍ରମଣାତ୍ମକ ହୋଇଥିବେ ସେମାନଙ୍କୁ ଆଶ୍ରୟସ୍ଥଳୀରେ ରଖାଯିବ ।

ଖଣ୍ଡପୀଠ କହିଛନ୍ତି, ବୁଲାକୁକୁରମାନଙ୍କୁ ଖାଦ୍ୟ ଦେବା ଲାଗି ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ କରାଯିବା ଉଚିତ, କିନ୍ତୁ ସେହି ସ୍ଥାନଗୁଡ଼ିକ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ରହିବା ଉଚିତ ନୁହେଁ । ବିଭିନ୍ନ ହାଇକୋର୍ଟରେ ବୁଲାକୁକୁର ସଂପର୍କିତ ମାମଲାଗୁଡ଼ିକୁ ସୁପ୍ରିମକୋର୍ଟକୁ ସ୍ଥାନାନ୍ତର କରିବାକୁ ଖଣ୍ଡପୀଠ ପ୍ରସ୍ତାବ ଦେଇଛନ୍ତି । ତେବେ କୌଣସି ସଂଗଠନ ଏବଂ ଗୋଷ୍ଠୀ ବୁଲାକୁକୁରମାନଙ୍କୁ ଅପସାରଣ କରିବା କ୍ଷେତ୍ରରେ ବାଧା ସୃଷ୍ଟି କରୁଥିଲେ, ସେମାନଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସୁପ୍ରିମକୋର୍ଟ ଦେଇଥିବା ପୂର୍ବ ନିର୍ଦ୍ଦେଶରେ କୌଣସି ପରିବର୍ତ୍ତନ କରିନାହାନ୍ତି ।

---

## ଗେମିଂ ବିଲ୍ ଇମ୍ପାକ୍ଟ

ସଂସଦର ଉଭୟ ଗୃହରେ ଅନ୍‌ଲାଇନ୍ ଗେମିଂ ପ୍ରୋତ୍ସାହନ ଏବଂ ନିୟନ୍ତ୍ରଣ ବିଧେୟକ-୨୦୨୫ ମଂଜୁରୀ ଲାଭ କରିବା ପରେ କେତେକ ଇ-କ୍ରୀଡ଼ା ପ୍ଲାଟଫର୍ମ ସଂପୃକ୍ତ ଖେଳଗୁଡ଼ିକୁ ସ୍ଥଗିତ ରଖିବା ଆରମ୍ଭ କରିଛନ୍ତି । ସୂଚନା ଅନୁଯାୟୀ ଡ୍ରିମ୍‌ସ ସ୍ପୋର୍ଟସ୍, ଗେମ୍‌ସ କ୍ରାଫ୍ଟ, ମୋବାଇଲ୍ ପ୍ରିମିୟର ଲିଗ୍ ଏବଂ ଜୁପି ଭଳି ଅନ୍‌ଲାଇନ୍ ଟଙ୍କା ଜଡ଼ିତ ଖେଳଗୁଡ଼ିକୁ ସେମାନଙ୍କ ପ୍ଲାଟଫର୍ମରୁ ହଟାଇବା ଆରମ୍ଭ କରିଛନ୍ତି ।

ସୂଚନାଯୋଗ୍ୟ, ଏହି ବିଧେୟକରେ ଅନ୍‌ଲାଇନ୍ ଟଙ୍କା ଖେଳକୁ ନିଷିଦ୍ଧ କରାଯାଇଛି । ଆର୍ଥିକ ଲାଭ ଆଶାରେ ଟଙ୍କା ବିନିଯୋଗ କରି ଅନେକ ପରିବାର ସର୍ବସ୍ୱାନ୍ତ ହୋଇଥିବା ବେଳେ ହତାଶ ହୋଇ ଅନେକ ଆତ୍ମହତ୍ୟା ଭଳି ଘଟଣା

ଘଟିବା ପରେ ଏହି ବିଧେୟକ ସଂସଦରେ ଉପସ୍ଥାପନ କରାଯାଇଥିଲା । ବିଧେୟକରେ ଆଇନ ଉଲ୍ଲଂଘନ ସନ୍ଦେହରେ ଯେକୌଣସି ବ୍ୟକ୍ତିଙ୍କୁ ବିନା ୱାରେଣ୍ଟରେ ଗିରଫ କରିବାର କ୍ଷମତା ପ୍ରଦାନ କରାଯାଇଛି ।

## କୋଲ୍ ଅକ୍ସନ

କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ ଜି. କିଷନରେଡ୍ଡୀ କହିଛନ୍ତି, ଗତବର୍ଷ ତୁଳନାରେ କୋଇଲା ଆମଦାନୀରେ ୯ ପ୍ରତିଶତ ହ୍ରାସ ଘଟିଛି । ଗତକାଲି ନୂଆଦିଲ୍ଲୀରେ ବାଣିଜ୍ୟିକ କୋଇଲାଖଣି ନିଲାମର ତ୍ରୟୋଦଶ ପର୍ଯ୍ୟାୟ ଆରମ୍ଭ କରି ଶ୍ରୀ ରେଡ୍ଡୀ କହିଛନ୍ତି, ଦେଶର ବର୍ଦ୍ଧିତ ଶକ୍ତି ଆବଶ୍ୟକତା ସହିତ କୋଇଲାର ଚାହିଦା ନିରନ୍ତର ବୃଦ୍ଧି ପାଉଛି ।

ସେ କହିଛନ୍ତି, ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଯୋଗୁଁ କୋଇଲା ଉତ୍ପାଦନ କ୍ଷେତ୍ରରେ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି । ସେ କହିଛନ୍ତି, ୧୨ଟି ପର୍ଯ୍ୟାୟରେ ୧୩୪ଟି ଖଣି ନିଲାମ ହୋଇଛି, ଯେଉଁଥିରେ ୪୧ ହଜାର ୬୦୦ କୋଟି ଟଙ୍କାର ନିବେଶ କରାଯାଇ ପାରିଛି ଏବଂ ଏଥିରେ ୩ ଲକ୍ଷ ୫୦ ହଜାରରୁ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି । ୧୩ତମ ପର୍ଯ୍ୟାୟରେ ୧୪ଟି କୋଇଲା ବ୍ଲକ ପ୍ରଚଳନ କରାଯିବା ପରେ କୋଇଲା ଆମଦାନୀ ଉପରେ ଦେଶର ନିର୍ଭରଶୀଳତା ହ୍ରାସ ପାଇଛି । ସେ କହିଛନ୍ତି, ଦେଶର ୪୦ ପ୍ରତିଶତରୁ ଅଧିକ କୋଇଲା ସମ୍ପଦ ଯାହା ପ୍ରାୟ ୩୭୦ ବିଲିୟନ ଟନ୍ ହେବ, ତାହା ଗଭୀର ଭାବରେ ଗଚ୍ଛିତ ରହିଛି ।

## ପିଏମ୍-ଏସ୍‌ସିଓ ଭିଜିଟ୍

ଏସସିଓ ଶିଖର ସମ୍ମିଳନୀରେ ଭାଗ ନେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତିଆନ୍‌ଜିନ୍ ଗସ୍ତ ଭାରତ-ଚୀନ ଦ୍ୱିପାକ୍ଷିକ ସଂପର୍କକୁ

ଅଧିକ ସୁଦୃଢ଼ କରିବ ବୋଲି ଭାରତରେ ଅବସ୍ଥାପିତ ଚୀନ୍ ରାଷ୍ଟ୍ରଦୂତ ଜୁ ଫେଇ ହୋଙ୍ଗ୍ କହିଛନ୍ତି । ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଚୀନ୍ ରାଷ୍ଟ୍ରଦୂତ କହିଛନ୍ତି, ଚୀନ ଓ ଭାରତର ଏକ ମିଳିତ କାର୍ଯ୍ୟଗୋଷ୍ଠୀ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ସଫଳ କରିବା ଲାଗି କଠିନ ପରିଶ୍ରମ କରୁଛନ୍ତି । ସେ କହିଛନ୍ତି, ଚୀନ ବୈଦେଶିକ ମନ୍ତ୍ରୀଙ୍କ ନୂଆଦିଲ୍ଲୀ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ସୀମାରେ ଶାନ୍ତି ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଏକ ଯୁକ୍ତିଯୁକ୍ତ ସମାଧାନ ଲାଗି ଭାରତର ପ୍ରତିବଦ୍ଧତାକୁ ଦୋହରାଇଥିଲେ । ଚୀନ୍ ବୈଦେଶିକ ମନ୍ତ୍ରୀଙ୍କ ସହ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ଙ୍କ ୨୪ତମ ବୈଠକକୁ ସ୍ମରଣ କରି ଚୀନ୍ ରାଷ୍ଟ୍ରଦୂତ କହିଛନ୍ତି, ଉଭୟ ପକ୍ଷ ୧୦ସୂତ୍ରୀ ନୀତିକୁ ଗ୍ରହଣ କରିବା ଲାଗି ସମ୍ମତି ପ୍ରକାଶ କରିଛନ୍ତି ।

ଅନ୍ୟପକ୍ଷରେ କୈଳାସ ମାନସରୋବର ଯାତ୍ରା ପୁଣି ଆରମ୍ଭ ହୋଇଥିବାରୁ ସେ ଏହାକୁ ସ୍ୱାଗତ କରିଛନ୍ତି । ସୂଚନାଯୋଗ୍ୟ ଆସନ୍ତା ଏସ୍‌ସିଓ ଶିଖର ସମ୍ମିଳନୀରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚୀନ୍ ଗସ୍ତରେ ଯିବେ ।

## ଆର୍‌ବିଆଇ ମନିଟାରି ପଲିସି

ଭାରତୀୟ ରିଜର୍ଭ ବ୍ୟାଙ୍କ ମୁଦ୍ରାନୀତି ଢ଼ାଞ୍ଚାର ସମୀକ୍ଷା ଉପରେ ଏକ ଆଲୋଚନାପତ୍ର ନିଜ ୱେବ୍‌ସାଇଟ୍‌ରେ ପ୍ରକାଶ କରିଛି । ଏହା ଉପରେ ଜନସାଧାରଣଙ୍କଠାରୁ ମତାମତ ଆହ୍ୱାନ କରାଯାଇଛି । ଆସନ୍ତା ମାସ ୧୮ ତାରିଖ ସୁଦ୍ଧା ଇଚ୍ଛୁକ ବ୍ୟକ୍ତି ଏବଂ ଅନୁଷ୍ଠାନ ଗୁଡ଼ିକ ମତାମତ ଦେଇପାରିବେ । ଆଲୋଚନାପତ୍ର ଅନୁଯାୟୀ ଖାଦ୍ୟ ଏବଂ ମୂଳ ମୁଦ୍ରାସ୍ଫୀତିର ଆପେକ୍ଷିକ ଗତିଶୀଳତାକୁ ଦୃଷ୍ଟିରେ ରଖି କେଉଁ ପଦକ୍ଷେପ ସର୍ବୋତ୍ତମ ହେବ, ସେ

ସଂପର୍କରେ ଜନସାଧାରଣଙ୍କଠାରୁ ମତାମତ ଲୋଡ଼ାଯାଇଛି । ଏହା ବ୍ୟତୀତ ଭାରତ ଭଳି ଏକ ଅଗ୍ରଗତି ସଂପନ୍ନ ଅର୍ଥନୀତିରେ ସ୍ଥିରତା ସହିତ ଅଭିବୃଦ୍ଧିକୁ ସନ୍ତୁଳନ କରିବା ପାଇଁ ୪ ପ୍ରତିଶତ ମୁଦ୍ରାସ୍ଫୀତି ଗ୍ରହଣୀୟ କି ନୁହେଁ, ସେ ବିଷୟରେ ମଧ୍ୟ ମତାମତ ଆହ୍ୱାନ କରାଯାଇଛି ।

## ରେଲୱେ ଗଣପତି ସ୍ପେଶିଆଲ

ଭାରତୀୟ ରେଳବାଇ ପକ୍ଷରୁ ପାର୍ବଣ ଋତୁରେ ଭକ୍ତ ଏବଂ ଯାତ୍ରୀମାନଙ୍କ ପାଇଁ ୩୮୦ଟି ଗଣପତି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ ବୋଲି ଘୋଷଣା କରାଯାଇଛି । ୨୦୨୩ରେ ୩୦୫ଟି ଏବଂ ୨୦୨୪ରେ ୩୫୮ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିଥିଲା । ରେଳ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ପାର୍ବଣ ଋତୁରେ କେନ୍ଦ୍ରୀୟ ରେଳବାଇ ସର୍ବାଧିକ ୨୯୬ଟି ଟ୍ରେନ୍ ସହ ପଶ୍ଚିମ ରେଳବାଇ ୫୬, କୋଙ୍କଣ ରେଳବାଇ ୬ ଏବଂ ଦକ୍ଷିଣ-ପଶ୍ଚିମ ରେଳବାଇ ୨୨ଟି ଟ୍ରେନ୍ ପରିଚାଳନା କରିବ । ଚଳିତ ମାସ ୨୭ରୁ ସେପ୍ଟେମ୍ବର ୬ ତାରିଖ ପର୍ଯ୍ୟନ୍ତ ଏହି ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକ ଚଳାଚଳ କରିବ ବୋଲି ଜଣାପଡ଼ିଛି ।

## ମାଣ୍ଡବ୍ୟ-ସ୍ପୋର୍ଟସ୍ ଡେ

କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଆସନ୍ତା ୨୯ ତାରିଖରେ ପାଳନ ହେବାକୁ ଥିବା ଜାତୀୟ କ୍ରୀଡ଼ା ଦିବସରେ ସୁସ୍ଥ ରହିବା ଏବଂ ଖେଳ ପାଇଁ ଗୋଟିଏ ଘଣ୍ଟା ଉତ୍ସର୍ଗ କରିବାକୁ ଅନୁରୋଧ କରିଛନ୍ତି । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଫିଟ୍ ଇଣ୍ଡିଆ ମିଶନ୍ ଏବଂ ଭାରତୀୟ କ୍ରୀଡ଼ା ଇକୋ ସିଷ୍ଟମ୍ ଚଳିତବର୍ଷର ଜାତୀୟ କ୍ରୀଡ଼ା ଦିବସ ଉତ୍ସବର ନେତୃତ୍ୱ ନେବ । ଏହି କାର୍ଯ୍ୟକ୍ରମ ଅଗଷ୍ଟ ୨୯ରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ୨୦୩୬ରେ ଭାରତ ଅଲିମ୍ପିକ୍ସ ଏବଂ ପାରା ଅଲିମ୍ପିକ୍ସ କ୍ରୀଡ଼ା ଆୟୋଜନ ପାଇଁ ପ୍ରସ୍ତୁତ ହେଉଥିବାରୁ ନାଗରିକମାନଙ୍କୁ ଫିଟ୍‌ନେସ୍ ଉପରେ ଗୁରୁତ୍ୱ ଦେବାକୁ ମନ୍ତ୍ରଣାଳୟ ଆଗ୍ରହ ପ୍ରକାଶ

କରିଛି । ଚଳିତ ଅଗଷ୍ଟ ୩୧ ତାରିଖରେ ସାରା ଦେଶରେ ଲୋକମାନେ ସାଇକେଲ୍ ଚାଳନା କରି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ ।

## ଡୁରାଣ୍ଡକପ୍

୧୩୪ତମ ଡୁରାଣ୍ଡ କପ୍ ଟ୍ରଫି ଫୁଟବଲ ଫାଇନାଲ୍ ପ୍ରତିଯୋଗିତା ଆସନ୍ତାକାଲି ଅନୁଷ୍ଠିତ ହେବ । କୋଲକାତାର ସଲ୍ଟଲେକ୍ ସ୍ଥିତ ଯୁବ ଭାରତୀ କ୍ରୀଡ଼ାଙ୍ଗନ ଠାରେ ଡାଇମଣ୍ଡ ହାରଭର୍ ଏଫ୍.ସି. ଏବଂ ନର୍ଥ ଇଷ୍ଟ ୟୁନାଇଟେଡ୍ ଏଫ୍.ସି. ମଧ୍ୟରେ ଫାଇନାଲ୍ ପର୍ଯ୍ୟାୟ ମୁକାବିଲା ହେବ । ଦ୍ୱିତୀୟ ସେମିଫାଇନାଲ୍‌ରେ ଡାଇମଣ୍ଡ ହାରଭର୍ ଏଫ୍.ସି. ୨-୧ ଗୋଲ୍‌ରେ ଇଷ୍ଟ ବେଙ୍ଗଲ୍‌କୁ ପରାସ୍ତ କରିଥିବା ବେଳେ ପ୍ରଥମ ସେମିଫାଇନାଲ୍‌ରେ ନର୍ଥ ଇଷ୍ଟ ୟୁନାଇଟେଡ୍ ଏଫ୍.ସି. ୧-୦ ଗୋଲ୍‌ରେ ସିଲଂ ଲାଜୋଙ୍ଗ୍ ଏଫ୍.ସି.କୁ ପରାସ୍ତ କରି ଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଛି ।